# NATIONAL NEWS BULLETIN (ODIA)

## 4 February - 2025

## Evening Bulletin : 7.15 P.M.

**********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀଙ୍କ ଉତ୍ତର ପରେ ସଂସଦରେ ଗୃହୀତ ହେଲା ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବ

– କେନ୍ଦ୍ର ସରକାର ଗରିବଙ୍କ କଲ୍ୟାଣ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି କହିଲେ ପ୍ରଧାନମନ୍ତ୍ରୀ

- ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଆସନ୍ତାକାଲି ମତଗ୍ରହଣ
- ମୋବାଇଲ ଏବଂ ବୈଦ୍ୟୁତିକ ଉପକରଣ ପ୍ରସ୍ତୁତି କ୍ଷେତ୍ର ଯଥେଷ୍ଟ ଅଗ୍ରଗତି କରିଛି; ସୂଚନା ଦେଲେ ଇଲେକ୍‌ଟ୍ରୋନିକ୍ସ ଓ ଆଇ.ଟି. ମନ୍ତ୍ରୀ
- ଚାରିଦିନିଆ ଭାରତ ଗସ୍ତରେ ଆସି ନୂଆଦିଲ୍ଲୀରେ ପହଁଞ୍ଚିଲେ ଅଣାଅସୀ ତମ ଜାତିସଂଘ ସାଧାରଣ ପରିଷଦ ବୈଠକର ସଭାପତି

ଏବଂ

- ସ୍ଥାୟୀ ଅଭିବୃଦ୍ଧି ପାଇଁ ମୁଦ୍ରାସ୍ଫୀତି ଉପରେ ନିୟନ୍ତ୍ରଣ ରଖିବାକୁ ଆହ୍ୱାନ ଦେଲେ ଅର୍ଥ ସଚିବ

## ପିଏମ୍-ମୋସନ୍ ଅଫ୍ ଥ୍ୟାଙ୍କ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, କେନ୍ଦ୍ର ସରକାର ଗରିବଙ୍କ କଲ୍ୟାଣ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହାଦ୍ୱାରା ୨୫ କୋଟି ଲୋକ ଦାରିଦ୍ର୍ୟ ସୀମାରେଖାରୁ ଊର୍ଦ୍ଧ୍ୱକୁ ଉଠିପାରିଛନ୍ତି। ସରକାରଙ୍କ ପ୍ରତିବଦ୍ଧତା, ନିଷ୍ଠା ଏବଂ କଠିନ ପରିଶ୍ରମ ଯୋଗୁଁ ଏହା ସମ୍ଭବ ହୋଇପାରିଛି ବୋଲି ସେ କହିଛନ୍ତି। ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବର ଉତ୍ତରରେ ସଂସଦରେ ଆଜି ପ୍ରଧାନମନ୍ତ୍ରୀ ଏହା କହିଛନ୍ତି। ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ କଲ୍ୟାଣକାରୀ ପଦକ୍ଷେପ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଗରିବ ଲୋକଙ୍କୁ ୪ କୋଟି ଆବାସ ଯୋଗାଇ ଦିଆଯାଇଛି। ସମଗ୍ର ଦେଶରେ ୧୨ କୋଟି ଶୌଚାଳୟ ନିର୍ମାଣ କରାଯାଇଛି। ଏହାଦ୍ୱାରା ସାଧାରଣ ଜନତା ବିଶେଷ କରି ମହିଳାଙ୍କ ଜୀବନଶୈଳୀ ଅଧିକ ସହଜ ହୋଇପାରିଛି। ଜଳଜୀବନ ମିଶନ ଅଧୀନରେ ୧୨ କୋଟିରୁ ଅଧିକ ପାଇପ୍ ଯୋଗେ ଜଳଯୋଗାଣ ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା ଜଳବାହିତ ରୋଗର ପ୍ରଭାବକୁ ଯଥେଷ୍ଟ ପରିମାଣରେ ପ୍ରତିହତ କରାଯାଇପାରିଛି। ବିଭିନ୍ନ କ୍ଷେତ୍ର ପାଇଁ ବଜେଟ୍‌ରେ ଯଥେଷ୍ଟ ପରିମାଣର ବ୍ୟୟବରାଦ କରାଯାଇଛି ଏବଂ ଏହା ୧୧ ଲକ୍ଷ ୨୧ ହଜାର କୋଟି ଟଙ୍କାକୁ ବୃଦ୍ଧି ପାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଶାସନରେ ସ୍ୱଚ୍ଛତା ଆଣିବା ସହିତ ସଞ୍ଚୟ କ୍ଷେତ୍ର ମଧ୍ୟ ତ୍ୱରାନ୍ୱିତ ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଟିକସ ସୀମା ବୃଦ୍ଧି ମଧ୍ୟବର୍ଗଙ୍କୁ ପ୍ରୋତ୍ସାହନ ପ୍ରଦାନ କରିଛି। ଏହାଦ୍ୱାରା ଗତ ୧୦ ବର୍ଷ ମଧ୍ୟରେ ସଞ୍ଚୟ ମଧ୍ୟ ବୃଦ୍ଧି ପାଇଥିବା ସେ କହିଛନ୍ତି। ଆସନ୍ତା ଆର୍ଥିକ ବର୍ଷ ପାଇଁ ପ୍ରସ୍ତୁତ ବଜେଟ୍‌ରେ ଆୟକର ରିହାତି ମଧ୍ୟବିତ୍ତଙ୍କ ଆର୍ଥିକ ସ୍ଥିତିକୁ ଅଧିକ ଦୃଢ଼ କରିବ ବୋଲି ସେ ଆଶାପ୍ରକାଶ କରିଛନ୍ତି। ସରକାରଙ୍କ ପଦକ୍ଷେପ ଦ୍ୱାରା ଦେଶରେ ନିଯୁକ୍ତି କ୍ଷେତ୍ର ମଧ୍ୟ ତ୍ୱରାନ୍ୱିତ ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି, ସମ୍ବିଧାନର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ପୂରଣ ପାଇଁ ସରକାର ସର୍ବଦା ପ୍ରୟାସ ଜାରି ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ଧାରା-୩୭୦ ଉଚ୍ଛେଦ ଉପରେ ସେ ଉଲ୍ଲେଖ କରିବା ସହ ପ୍ରଧାନମନ୍ତ୍ରୀ କହିଛନ୍ତି, ଜାମ୍ମୁ-କାଶ୍ମୀର ଏବଂ ଲଦାଖବାସୀଙ୍କୁ ନ୍ୟାୟ ପ୍ରଦାନ କରାଯାଇଛି। ମହିଳାଙ୍କର ସଶକ୍ତିକରଣ କ୍ଷେତ୍ରରେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଛନ୍ତି। ଦେଶରେ ୩ କୋଟିରୁ ଊର୍ଦ୍ଧ୍ୱ ଲକ୍ଷପତି ଦିଦି ସୃଷ୍ଟି ହୋଇପାରିଛି ବୋଲି ସେ କହିଛନ୍ତି। କୃଷି ଏବଂ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ପାଇଁ ସରକାର ନେଉଥିବା ବିଭିନ୍ନ ପଦକ୍ଷେପ ଉପରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

ରାଷ୍ଟ୍ରପତିଙ୍କ ଅଭିଭାଷଣକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏହା ପ୍ରେରଣାଦାୟକ ଏବଂ ବିକଶିତ ଭାରତ ପ୍ରୟାସକୁ ଅଧିକ ଶକ୍ତି ପ୍ରଦାନ

କରିଛି। ପ୍ରଧାନମନ୍ତ୍ରୀଙ୍କ ଉତ୍ତର ପରେ ମୌଖିକ ଭୋଟ୍‌ରେ ଧନ୍ୟବାଦ ପ୍ରସ୍ତାବ ସଂସଦରେ ଗୃହୀତ ହୋଇଥିଲା।

## ଦିଲ୍ଲୀ ପୋଲ୍‌ସ

୭୦ ସଦସ୍ୟ ବିଶିଷ୍ଟ ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଆସନ୍ତାକାଲି ମତଗ୍ରହଣ କରାଯିବ । ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ ହେବ । ୧ କୋଟି ୫୬ ଲକ୍ଷରୁ ଅଧିକ ଭୋଟର ୬୯୯ ଜଣ ପ୍ରାର୍ଥୀଙ୍କ ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ କରିବେ । ୮ ତାରିଖ ଶନିବାର ଦିନ ଭୋଟ୍ ଗଣତି ହୋଇ ଫଳାଫଳ ଘୋଷଣା କରାଯିବ।

ମତ ଗ୍ରହଣ ପାଇଁ ୧ଲକ୍ଷ ୮୦ ହଜାରରୁ ଅଧିକ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ନିର୍ବାଚନ ପ୍ରକ୍ରିୟା ଚାଲିଥିବା ସମୟରେ ୨୨୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ନଗଦ ଟଙ୍କା, ନିଶାଦ୍ରବ୍ୟ, ମାଗଣା ସାମଗ୍ରୀ ଓ ମୂଲ୍ୟବାନ ଧାତୁ ଜବତ କରାଯାଇଥିବା ବେଳେ ଏଥିରେ ୮୮ କୋଟି ଟଙ୍କାର ଔଷଧ ଓ ୮୧ କୋଟି ଟଙ୍କାର ମୂଲ୍ୟବାନ ଧାତୁ ରହିଛି । ଆଦର୍ଶ ଆଚରଣ ବିଧି ଲାଗୁ ହେବା ପରଠାରୁ ସି-ଭିଜିଲ୍ ଆପ୍ ଜରିଆରେ ୭ ହଜାର ୪୯୯ଟି ଅଭିଯୋଗ ଆସିଥିବା ବେଳେ ସେଥିମଧ୍ୟରୁ ୭ ହଜାର ୪୬୭ଟି ମାମଲାର ସମାଧାନ ହୋଇଥିବା ନିର୍ବାଚନ କମିଶନ ସୂଚନା ଦେଇଛନ୍ତି।

## ଦିଲ୍ଲୀ- ସିଏମ୍ ଏଫ୍ଆଇଆର

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା କାଲକାଜୀ ବିଧାନସଭା ନିର୍ବାଚନ ମଣ୍ଡଳୀର ଆମ୍ ଆଦମୀ ପାର୍ଟି ପ୍ରାର୍ଥୀ ଆତିଶିଙ୍କ ବିରୁଦ୍ଧରେ ଦିଲ୍ଲୀ ପୁଲିସ ଆଜି ଏକ ମାମଲା ରୁଜୁ କରିଛି । ଦିଲ୍ଲୀ ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ ଆଦର୍ଶ ଆଚରଣବିଧି ଉଲ୍ଲଙ୍ଘନ ଅଭିଯୋଗରେ ଗୋବିନ୍ଦପୁରୀ ଥାନାରେ ତାଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯାଇଛି । ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଆତିଶି କହିଛନ୍ତି, ବିଜେପି ପ୍ରାର୍ଥୀ ରମେଶ ବିଧୁରୀ କାଲ୍‌କାଜୀ ନିର୍ବାଚନ ମଣ୍ଡଳୀର ବସ୍ତି ଅଞ୍ଚଳରେ ଭୋଟରଙ୍କୁ ଧମକ ଦେଉଥିବା ଖବର ପାଇ ସେ ସେଠାକୁ ଗସ୍ତରେ ଯାଇଥିଲେ ।

## ବୈଷ୍ଣବ- ମୋବାଇଲ ମାନୁଫ୍ୟାକଚରିଂ

ମୋବାଇଲ ଏବଂ ବୈଦ୍ୟୁତିକ ଉପକରଣ ପ୍ରସ୍ତୁତି କ୍ଷେତ୍ର ଗତ ୧୦ ବର୍ଷ ମଧ୍ୟରେ ଯଥେଷ୍ଟ ଅଗ୍ରଗତି କରିଛି ବୋଲି ଇଲେକ୍‌ଟ୍ରୋନିକ୍ସ ଓ ଆଇ.ଟି. ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ କହିଛନ୍ତି, ଦେଶରେ ଏବେ ୩୦୦ରୁ ଊର୍ଦ୍ଧ୍ୱ ମୋବାଇଲ୍ ନିର୍ମାଣକାରୀ ସଂସ୍ଥା କାର୍ଯ୍ୟ କରୁଛି । ୨୦୧୪ ମସିହାରେ ଏହା ଦୁଇଟିରେ ସୀମିତ ରହିଥିଲା । ସେହିଭଳି ଦେଶରେ ମୋବାଇଲ୍ ନିର୍ମାଣ ଆର୍ଥିକ କ୍ଷେତ୍ର ୨୦୧୪ ମସିହାରେ ଥିବା ୧୮ ହଜାର ୯୦୦ କୋଟି ଟଙ୍କାରୁ ବୃଦ୍ଧି ପାଇ ଗତ ଆର୍ଥିକ ବର୍ଷରେ ୪ ଲକ୍ଷ ୨୨ ହଜାର କୋଟି ଟଙ୍କାରେ ପହଁଞ୍ଚିଥିଲା ।

ସେହିଭଳି ଏ କ୍ଷେତ୍ରରେ ରପ୍ତାନୀ ମଧ୍ୟ ୧ ଲକ୍ଷ ୨୯ ହଜାର କୋଟି ଟଙ୍କାକୁ ବୃଦ୍ଧି ପାଇଛି ବୋଲି ସେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଦେଶର ମୋବାଇଲ ନିର୍ମାଣ କ୍ଷେତ୍ର ୧୨ ଲକ୍ଷ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗ ଗତ ୧୦ ବର୍ଷ ମଧ୍ୟରେ ସୃଷ୍ଟି କରିପାରିଛି। ମେକ୍ ଇନ୍ ଇଣ୍ଡିଆ ଅଭିଯାନ ଦେଶର ଆତ୍ମନିର୍ଭରତା, ଉତ୍ପାଦନ ଏବଂ ନିଯୁକ୍ତି କ୍ଷେତ୍ରକୁ ତ୍ୱରାନ୍ୱିତ କରିଛି ବୋଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି।

## ଏମ୍‌ଇଏ- ୟୁଏନ୍‌ଜିଏ ପ୍ରେସିଡେଣ୍ଟ

ଅଣାଅସୀ ତମ ଜାତିସଂଘ ସାଧାରଣ ପରିଷଦ ବୈଠକର ସଭାପତି ଫିଲେମନ୍ ୟାଙ୍ଗ ଆଜିଠାରୁ ଚାରିଦିନିଆ ଭାରତ ଗସ୍ତରେ ଆସି ଆଜି ନୂଆଦିଲ୍ଲୀଠାରେ ପହଁଞ୍ଚିଛନ୍ତି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଶ୍ରୀ ୟାଙ୍ଗ  ହେଉଛନ୍ତି କାମେରୁନ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ। ଗତ ସେପ୍ଟେମ୍ବର ୧୦ ତାରିଖରେ ଶ୍ରୀ ୟାଙ୍ଗ ଦାୟିତ୍ୱ ଗ୍ରହଣ କରିଥିଲେ। ତାଙ୍କରି ସଭାପତିତ୍ୱ କାଳରେ ଭବିଷ୍ୟତ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜାତିସଂଘ ପକ୍ଷରୁ ବହୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ଗସ୍ତ ଅବସରରେ ଶ୍ରୀ ୟାଙ୍ଗ’ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଜୟଶଙ୍କରଙ୍କ ସହ ବିଭିନ୍ନ ଆଞ୍ଚଳିକ ଏବଂ ବୈଶ୍ୱିକ ପ୍ରସଙ୍ଗ ନେଇ ଆଲୋଚନା କରିବେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ସେ ସାକ୍ଷାତ କରିବାର କାର୍ଯ୍ୟସୂଚୀ ରହିଛି। ଏହି ଗସ୍ତ ଅବସରରେ ଶ୍ରୀ ୟାଙ୍ଗ ବେଙ୍ଗାଲୁରୁ ମଧ୍ୟ ଗସ୍ତରେ ଯିବେ।

# ରୁଷିଆ-ବେଲାରୁଷ୍ ମିସାଇଲ୍

ରୁଷ୍ ଖୁବ୍‌ଶୀଘ୍ର ବେଲାରୁଷରେ ଓର୍ସେନିକ୍ କ୍ଷେପଣାସ୍ତ୍ର ମୁତୟନ କରିବ। ଦୁଇ ଦେଶ ମଧ୍ୟରେ ହୋଇଥିବା ଚୁକ୍ତି ଅନୁଯାୟୀ ଏହି ପଦକ୍ଷେପ ଗ୍ରହଣ କରାଯିବ ବୋଲି ରୁଷ୍ ବୈଦେଶିକ ମନ୍ତ୍ରଣାଳୟ ସୂଚନା ଦେଇଛି। ମନ୍ତ୍ରଣାଳୟର ଅଧିକାରୀ ଆଲେକ୍ସି ପୋଲିଶଚୁକ୍‌ଙ୍କ ଉକ୍ତିକୁ ଉଦ୍ଧାର କରି ସମ୍ବାଦ ସରବରାହ ସଂସ୍ଥା ତାସ୍ କହିଛନ୍ତି, ଦୁଇ ଦେଶ ସାଧାରଣ ପ୍ରତିରକ୍ଷା କ୍ଷେତ୍ରକୁ ସୁରକ୍ଷା ପ୍ରଦାନ କରିବାକୁ ରୁଷ୍ ଆବଶ୍ୟକ ସହାୟତା ପ୍ରଦାନ କରିବ। ବେଲାରୁଷ୍ ପୂର୍ବରୁ ଏକ ଯୁଗ୍ମ ଆଞ୍ଚଳିକ ବାହିନୀ ଗୋଷ୍ଠୀ, ଆଧୁନିକ ରୁଷୀୟ ପ୍ରତିରକ୍ଷା ବ୍ୟବସ୍ଥା ଏବଂ ଅଣରଣନୈତିକ ପରମାଣୁ ଅସ୍ତ୍ର ନିଜ ସପକ୍ଷରେ ରଖିସାରିଥିବା ଜଣାପଡ଼ିଛି। ବେଲାରୁଷ୍ ରାଷ୍ଟ୍ରପତି ଆଲେକ୍‌ଜାଣ୍ଡାର ଲୁକାସେଙ୍କୋ ରୁଷ୍‌ର ଓର୍ସେନିକ ହାଇପରସୋନିକ୍ କ୍ଷେପଣାସ୍ତ୍ର ବେଲାରୁଷ୍‌ରେ ମୁତୟନ ହେବା ନେଇ ଗତ ମାସରେ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ କହିଛନ୍ତି, ରୁଷ୍ ଏବଂ ୟୁକ୍ରେନ୍ ମଧ୍ୟରେ କୌଣସି ସମ୍ଭାବ୍ୟ ଶାନ୍ତି ଚୁକ୍ତି ଉଭୟ ଦେଶର ଦୀର୍ଘମିଆଦି ନିରାପତ୍ତାକୁ ସୁନିଶ୍ଚିତ କରିବ।

## ଆର୍ଏସ୍- ହେଲ୍ଥ

ଭବିଷ୍ୟତରେ ଯେ କୌଣସି ମହାମାରୀର ମୁକାବିଲା ପାଇଁ ଦେଶର ସ୍ୱାସ୍ଥ୍ୟକ୍ଷେତ୍ର ସୁଦୃଢ଼ ରହିଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି.ନଡ୍ଡା କହିଛନ୍ତି। ରାଜ୍ୟସଭାରେ ଆଜି ଏ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, କୌଣସି ପ୍ରକାର ମହାମାରୀ ପରିସ୍ଥିତି ଉପରେ ଜାତୀୟ ରୋଗ ନିୟନ୍ତ୍ରଣ କେନ୍ଦ୍ର ତୀକ୍ଷ୍ଣ ନଜର ରଖିଛି। ରୋଗର ନମୁନା ପରୀକ୍ଷଣ ପାଇଁ ଭାରତୀୟ ଚିକିତ୍ସା ଗବେଷଣା ପରିଷଦ- ପୁନେଠାରେ ବିଶ୍ୱସ୍ତରୀୟ ଜାତୀୟ ଭାଇରୋଲୋଜି ସଂସ୍ଥାନ ଏବଂ ତାମିଲନାଡୁରେ ଦୁଇଟି ବାୟୋସେଫ୍ଟି ଲେବଲ୍-ଥ୍ରୀ ପରୀକ୍ଷାଗାର ରହିଛି। ଏଥିସହ ଦେଶରେ ୧୫୦ଟି ଗବେଷଣାତ୍ମକ ପରୀକ୍ଷାଗାର ରହିଛି ବୋଲି ଶ୍ରୀ ନଡ୍ଡା ଗୃହରେ ସୂଚନା ଦେଇଛନ୍ତି। କେତେକ ଭାଇରୋଲୋଜି ପରୀକ୍ଷାଗାରକୁ ବିଏସ୍ଏଲ୍ ଲେବଲ- ଥ୍ରୀ ପର୍ଯ୍ୟାୟକୁ ଉନ୍ନୀତ କରିବା ଲାଗି ସରକାର ପଦକ୍ଷେପ ନେଇଛନ୍ତି। ଭବିଷ୍ୟତ ମହାମାରୀ ପରିସ୍ଥିତିକୁ ଦୃଷ୍ଟିରେ ରଖି ନାଗପୁରଠାରେ ୧୨ ଶହ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ଜାତୀୟ ସ୍ୱାସ୍ଥ୍ୟ ମିଶନ ଏବଂ ‘ବିଶାନୁ ଯୁଦ୍ଧ ଅଭ୍ୟାସ’ ଶୀର୍ଷକ ମକ୍ଡ୍ରିଲ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭାରମ୍ଭ କରିଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି।

## ଏଲ୍‌ଏସ୍– କିଶାନ ଯୋଜନା

ପିଏମ୍ କିଶାନ ଯୋଜନା ଅଧୀନରେ ସରକାର କୃଷିଜୀବୀଙ୍କୁ ୩ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରିଛନ୍ତି। ଲୋକସଭାରେ ଆଜି ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ କୃଷି ଏବଂ କୃଷକ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ରାମନାଥ ଠାକୁର ଏହି ସୂଚନା ଦେଇଛନ୍ତି। ତେବେ ପିଏମ୍ କିଶାନ ଯୋଜନା ଅଧୀନରେ  ଅର୍ଥରାଶି ବୃଦ୍ଧି ନେଇ ଏ ପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନିଆଯାଇନାହିଁ ବୋଲି ସେ ଗୃହରେ ସ୍ପଷ୍ଟ କରିଛନ୍ତି।

## ଫାଇନାନ୍ସ ସେକ୍ରେଟାରୀ ପୋଷ୍ଟ ବଜେଟ୍

ସ୍ଥାୟୀ ଅଭିବୃଦ୍ଧି ପାଇଁ ମୁଦ୍ରାସ୍ଫୀତି ଉପରେ ନିୟନ୍ତ୍ରଣ ରଖିବାକୁ ଅର୍ଥ ସଚିବ ତୁହିନ କାନ୍ତ ପାଣ୍ଡେ ଆହ୍ୱାନ ଦେଇଛନ୍ତି। ନୂଆଦିଲ୍ଲୀରେ ଆଜି ଆସୋଚମ୍ ପକ୍ଷରୁ ବଜେଟ୍‌ରେ ଟିକସ ସମ୍ବନ୍ଧୀୟ ପ୍ରସ୍ତାବଗୁଡ଼ିକ ନେଇ ଆୟୋଜିତ ଆଲୋଚନାଚକ୍ରରେ ଯୋଗଦେଇ ଶ୍ରୀ ପାଣ୍ଡେ ଏହା କହିଛନ୍ତି। ଆସନ୍ତା ଆର୍ଥିକ ବର୍ଷ ପାଇଁ ସଂସଦରେ ଉପସ୍ଥାପିତ ବଜେଟ୍ ଅଭିବୃଦ୍ଧିକୁ ପ୍ରୋତ୍ସାହନ ପ୍ରଦାନ କରୁଛି ଏବଂ ଏହାଦ୍ୱାରା ସାଧାରର ଜନତା ଉପକୃତ ହୋଇପାରିବେ ବୋଲି ସେ କହିଛନ୍ତି। ପ୍ରତ୍ୟେକ କ୍ଷେତ୍ରକୁ ଭିନ୍ନ ଭିନ୍ନ ମାନଦଣ୍ଡ ଆଧାରରେ ବଜେଟ୍‌ରେ ସନ୍ତୁଳିତ ବ୍ୟବସ୍ଥା କରାଯାଇଛି। ଆର୍ଥିକ କ୍ଷେତ୍ର ଏବଂ ମୁଦ୍ରାନୀତି ମିଳିତ ଭାବେ କାର୍ଯ୍ୟ କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ବଜେଟ୍‌ରେ ଘୋଷଣା କରାଯାଇଥିବା ଭାରତ ଟ୍ରେଡ୍ ନେଟ୍

ବ୍ୟାଙ୍କ’ ରପ୍ତାନୀକ୍ଷେତ୍ର, ସୀମାଶୁଳ୍କ ଆଦିକୁ ନେଇ ଏକ ସମ୍ବନ୍ଧିତ ଡିଜିଟାଲ ପ୍ଲାଟଫର୍ମ ସହ ସମ୍ପୃକ୍ତ କରିବ ବୋଲି ଅର୍ଥ ସଚିବ କହିଛନ୍ତି।

## ଓମ୍ ବିର୍ଲା

ଲୋକସଭାର ପୂର୍ବତନ ବାଚସ୍ପତି ଏନ୍.ଅନନ୍ତଶୟନମ ଆୟାଙ୍ଗାରଙ୍କ ଜନ୍ମବାର୍ଷିକୀ ଅବସରରେ ବାଚସ୍ପତି ଓମ୍ ବିର୍ଲା  ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସମ୍ବିଧାନ ସଦନ କେନ୍ଦ୍ରୀୟ ଭବନଠାରେ ତାଙ୍କ ପ୍ରତିକୃତିରେ ଶ୍ରୀ ବିର୍ଲା ପୁଷ୍ପଗୁଚ୍ଛ ପ୍ରଦାନ କରିଛନ୍ତି। ରାଜ୍ୟସଭାର ଉପାଧ୍ୟକ୍ଷ ହରିବଂଶଙ୍କ ସମେତ ସଂସଦ ସଦସ୍ୟ, ପୂର୍ବତନ ସଦସ୍ୟ, ଲୋକସଭାର ମହାସଚିବ ଉତ୍ପଳ କୁମାର ସିଂ ମଧ୍ୟ ଶ୍ରୀ ଆୟାଙ୍ଗାରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସୂଚନାଯୋଗ୍ୟ, ପୂର୍ବତନ ଲୋକସଭା ବାଚସ୍ପତି ଶ୍ରୀ ଆୟାଙ୍ଗାର ଜଣେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଏବଂ ସାଂସଦ ଥିଲେ।

## ଏଲ୍ଏସ୍-ଷ୍ଟାର୍ଟ ଅପ୍

ଗତ ବର୍ଷ ଶେଷ ସୁଦ୍ଧା ଦେଶରେ ଶିଳ୍ପ ଓ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ଷ୍ଟାର୍ଟଅପ୍ ସଂଖ୍ୟା ୧ ଲକ୍ଷ ୫୭ ହଜାରରୁ ଅଧିକ ରହିଥିଲା। ଲୋକସଭାରେ ଆଜି ଏକ ପ୍ରଶ୍ନର ଲିଖିତ ଉତ୍ତରରେ ବାଣିଜ୍ୟ ଓ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଜିତିନ୍ ପ୍ରସାଦ ଏହି ସୂଚନା ଦେଇ

କହିଛନ୍ତି, ୨୦୧୬ରେ ଷ୍ଟାର୍ଟ-ଅପ୍ ଇଣ୍ଡିଆ ପ୍ରତିଷ୍ଠା ପରଠାରୁ ଏହାର କାର୍ଯ୍ୟକାରିତା ନେଇ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ସେ କହିଛନ୍ତି, ରପ୍ତାନୀ କ୍ଷେତ୍ରକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟରେ ଦେଶର ୫୯୦ଟି ଜିଲ୍ଲାରେ ଜିଲ୍ଲା ରପ୍ତାନୀ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରାଯାଇଛି।